# NATIONAL NEWS BULLETIN (ODIA)

## 29 July - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଅପରେସନ୍ ସିନ୍ଦୂର ଉପରେ ଲୋକସଭାରେ ବିଶେଷ ଆଲୋଚନା ଜାରି ।

– ଭାରତ ଉପରେ ଆକ୍ରମଣ ହେଲେ ନିଜସ୍ୱ ରଣନୀତିରେ ନିଶ୍ଚିତ ଜବାବ ଦେବୁ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ତିନି ଜଣ ଆତଙ୍କବାଦୀଙ୍କୁ ଅପରେସନ୍ ମହାଦେବ ଅଧୀନରେ ନିପାତ କରାଗଲା, ଲୋକସଭାରେ କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ୧୦୦ଟି ଦେଶକୁ ରପ୍ତାନୀ କରାଯାଇଛି ବୋଲି ରାଜ୍ୟସଭାରେ କହିଲେ ପ୍ରତିରକ୍ଷା ମନ୍ତ୍ରୀ ।

ଏବଂ

- ଦେଶରେ ଚଳିତ ବର୍ଷ ଜୁନ୍ ମାସ ସୁଦ୍ଧା ୧୬ ହଜାର ୯୧୨ ଜନଔଷଧୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି, ରାଜ୍ୟସଭାରେ ଲିଖିତ ଉତ୍ତର ରଖିଲେ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ।

# ପିଏମ୍-ଏଲ୍ଏସ୍-ଅପରେସନ୍ ସିନ୍ଦୂର

ଲୋକସଭାରେ ଆଜି ଅପରେସନ୍ ସିନ୍ଦୂର ଉପରେ ବିଶେଷ ଆଲୋଚନା ହେଉଛି । ଏଥିରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସନ୍ତ୍ରାସବାଦୀମାନେ ଦେଶରେ ସାମ୍ପ୍ରଦାୟିକ ହିଂସାକାଣ୍ଡ ସୃଷ୍ଟି କରିବା ଲକ୍ଷ୍ୟରେ ପହଲଗାମ ଆକ୍ରମଣ କରିଥିବା ବେଳେ ଦେଶବାସୀଙ୍କ ଏକତା ଏହାକୁ ପଣ୍ଡ କରିଥିଲା । ଭାରତୀୟ ସେନାକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ୨୨ ମିନିଟ୍‌ରେ ୨୨ ଏପ୍ରିଲ୍‌ର ପ୍ରତିଶୋଧ ନିଆଯାଇଛି । ଅପରେସନ୍ ସିନ୍ଦୂର ଆକ୍ରମଣରେ ପାକିସ୍ତାନର ଏୟାର୍‌ବେଶ୍ ଗୁଡ଼ିକ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି । ଏହି ଆକ୍ରମଣରେ ଆତ୍ମନିର୍ଭର ଭାରତର କ୍ଷମତା ପ୍ରଦର୍ଶିତ ହୋଇଛି । ଭାରତ ଉପରେ ଆକ୍ରମଣ ହେଲେ ଆମେ ଆମର ନିଜସ୍ୱ ରଣନୀତିରେ ନିଶ୍ଚିତ ଜବାବ ଦେବୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ସଂସଦ-ଅପରେସନ୍ ସିନ୍ଦୂର

ସଂସଦର ଉଭୟ ସଦନରେ ଆଜି ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ସମ୍ପର୍କରେ ବିଶେଷ ଆଲୋଚନା ଜାରି ରହିଛି। ଲୋକସଭାରେ ଆଲୋଚନାରେ ଅଂଶଗ୍ରହଣ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଆତଙ୍କବାଦୀମାନଙ୍କୁ ଦୃଢ଼ ଜବାବ ଦେବା ଆମ ରାଷ୍ଟ୍ରୀୟ ସଂକଳ୍ପ। ପହଲଗାମଠାରେ ଆତଙ୍କବାଦୀମାନେ କ୍ରୁରତାର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ସରକାର ଆତଙ୍କବାଦୀମାନଙ୍କୁ ମାଟିରେ ମିଶାଇବା ପାଇଁ ସଂକଳ୍ପ ନେଇଥିଲେ। ଏଥିପାଇଁ ସେନାବାହିନୀକୁ ସଂପୂର୍ଣ୍ଣ କ୍ଷମତା ପ୍ରଦାନ କରାଯାଇଥିଲା। ଆଜି ଆତଙ୍କବାଦୀମାନଙ୍କ ବିରୋଧରେ ତାଙ୍କ କଳ୍ପନାଠାରୁ ମଧ୍ୟ ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି....

**- V/O -**

ରାଜ୍ୟସଭାରେ ଆଲୋଚନା ଅଂଶଗ୍ରହଣ କରି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଜାମ୍ମୁ କାଶ୍ମୀରରେ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତୀୟ ସେନା ଏବଂ ସୁରକ୍ଷା ବାହିନୀକୁ ସେ ଅଭିନନ୍ଦନ ଜଣାଇଛନ୍ତି । ଆତଙ୍କବାଦୀମାନେ ପହଲଗାମରେ ୨୬ ଜଣ ନିରିହ ଲୋକଙ୍କୁ ହତ୍ୟା କରିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜ୍ୟସଭାରେ କହିଛନ୍ତି।

ଅପରେସନ୍ ସିନ୍ଦୂରର ଉଦ୍ଦେଶ୍ୟ ହେଉଛି, ଆତଙ୍କବାଦୀ ଆଡ୍ଡା ଗୁଡ଼ିକୁ ନଷ୍ଟ କରିବା ଏବଂ ଭାରତର ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତିର ବାର୍ତ୍ତାକୁ ସ୍ପଷ୍ଟ କରିବା ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

ଶ୍ରୀ ସିଂହ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ଆତଙ୍କବାଦୀମାନଙ୍କୁ ଦୃଢ଼ ଜବାବ ଦେଇପାରିଛି ।  ଅପରେସନ୍ ସିନ୍ଦୂରରେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ପାକିସ୍ତାନ ଭବିଷ୍ୟତରେ କୌଣସି ଦୁଃସାହିକ କାର୍ଯ୍ୟ କଲେ କିମ୍ବା ଆତଙ୍କବାଦକୁ ପ୍ରୋତ୍ସାହନ ଦେଲେ ପୁଣି ଥରେ କଡା ପଦକ୍ଷେପ ନିଆଯିବ ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି।

## ଏଲ୍ଏସ୍-ଅପରେସନ୍ ସିନ୍ଦୂର

ଲୋକସଭାରେ ହେଉଥିବା ଏହି ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଭାରତୀୟ ସେନା, ସି.ଆର୍.ପି.ଏଫ୍. ଏବଂ ଜାମ୍ମୁ କାଶ୍ମୀର ପୁଲିସ୍‌ର ମିଳିତ ସହଯୋଗରେ ଗତକାଲି ଅପରେସନ୍ ମହାଦେବ ଅଧୀନରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ବ୍ୟବହୃତ ତିନୋଟି ରାଇଫଲ୍ ମଧ୍ୟ ଏହି ଆତଙ୍କବାଦୀଙ୍କଠାରୁ ଜବତ କରାଯାଇଛି ବୋଲି ଶ୍ରୀ ଶାହା କହିଛନ୍ତି । ତିନି ଆତଙ୍କବାଦୀ ସୁଲେମାନ ଶାହା, ଜିବ୍ରାନ୍ ଏବଂ ହମ୍‌ଜା ଆଫ୍‌ଗାନି ଏହି ଅପରେସନ୍ ମହାଦେବ ମିଶନ୍‌ରେ ପ୍ରାଣ ହରାଇଛନ୍ତି । ସୁଲେମାନ ଜଣେ ଦୁର୍ଦ୍ଦଶ

ଆତଙ୍କବାଦୀ ଥିଲା, ଯିଏ ପହଲଗାମ ଏବଂ ଗଗନଗିରି ଆତଙ୍କବାଦୀ ଆକ୍ରମଣରେ ଜଡ଼ିତ ଥିଲା । ସେମାନଙ୍କର ଏଥିରେ ସମ୍ପୃକ୍ତି ଥିବାର ଗୁଇନ୍ଦା ସଂସ୍ଥା ପାଖରେ ବଳିଷ୍ଠ ପ୍ରମାଣ ରହିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଲୋକସଭାରେ କହିଛନ୍ତି ।

ଶ୍ରୀ ଶାହା କହିଛନ୍ତି, ପହଲଗାମଠାରେ ସଂଗଠିତ ଆତଙ୍କବାଦୀ ଆକ୍ରମଣରେ ଏହି ଆତଙ୍କବାଦୀମାନେ ନିରିହ ପର୍ଯ୍ୟଟକଙ୍କୁ ସେମାନଙ୍କ ପରିବାର ସଦସ୍ୟଙ୍କ ସମ୍ମୁଖରେ ନିର୍ମମ ଭାବେ ହତ୍ୟା କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଜବାବରେ ଅପରେସନ୍ ସିନ୍ଦୂର ଅଭିଯାନକୁ ଅନୁମତି ଦେଇ ସେମାନଙ୍କୁ କଡ଼ା ଜବାବ ଦେଇଥିଲେ । ପହଲଗାମ ଆକ୍ରମଣରେ ଜଡ଼ିତ ଏହି ଆତଙ୍କବାଦୀମାନେ ଯେପରି ଦେଶ ଛାଡ଼ି ନ ଯାଇ ପାରିବେ ସେଥିପାଇଁ ସରକାର ସୁରକ୍ଷା ବାହିନୀକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ସୁରକ୍ଷା ବାହିନୀଙ୍କ ସାହସ ଏବଂ ଅନୁରୂପ ପଦକ୍ଷେପ ପାଇଁ ଶ୍ରୀ ଶାହା ତାଙ୍କୁ ପ୍ରଶଂସା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ତଦନ୍ତର ଏକ ଅଂଶସ୍ୱରୂପ ତଦନ୍ତକାରୀ ଦଳ ଏହି ଆକ୍ରମଣରେ ପ୍ରାଣ ହରାଇଥିବା ପରିବାର ସଦସ୍ୟ, ପର୍ଯ୍ୟଟକେ, ଫଟୋଗ୍ରାଫର ଏବଂ ସ୍ଥାନୀୟବାସୀମାନଙ୍କ ସହ ଆଲୋଚନା କରିଛନ୍ତି । ସେ କହିଛନ୍ତି, ଏକ ହଜାରରୁ ଅଧିକ ବ୍ୟକ୍ତିଙ୍କୁ ଏ ପ୍ରସଙ୍ଗରେ ପଚରା ଉଚରା କରାଯାଇ ଆତଙ୍କବାଦୀଙ୍କ ସ୍କେଚ୍ ପ୍ରସ୍ତୁତ କରାଯାଇଥିଲା । ପରବର୍ତ୍ତି ସମୟରେ ଗତ ଜୁନ୍ ୨୨ରେ ଦୁଇ ଜଣ ସନ୍ଦିଗ୍ଧ ବ୍ୟକ୍ତି ବସିର୍ ଏବଂ ପର୍‌ଭେଜ୍‌ଙ୍କ

ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଚିହ୍ନଟ କରାଯାଇଥିଲା ।

ଦେଶର ସୁରକ୍ଷା ବାହିନୀ କେବଳ ଆତଙ୍କବାଦୀମାନଙ୍କୁ ନିପାତ କରିନଥିଲେ ବରଂ ସେମାନଙ୍କୁ ଆମ ଦେଶକୁ ପଠାଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିଥିଲେ । ଗତ ମେ ୭ ତାରିଖରେ ଅପରେସନ୍ ସିନ୍ଦୂର ଆରମ୍ଭ ହୋଇଥିଲା ଏବଂ ରାତି ଗୋଟାଏ ୪ ମିନିଟ୍‌ରୁ ଗୋଟାଏ ୨୪ ମିନିଟ୍ ମଧ୍ୟରେ ଏହି ଅପରେସନ୍ ଶେଷ ହୋଇଥିଲା । ଏଥିରେ ପାକିସ୍ତାନର ୯ଟି ଆତଙ୍କବାଦୀ ଆଡ୍ଡାକୁ ଆମ ସଶସ୍ତ୍ର ବାହିନୀ ନଷ୍ଟ କରିବା ସହ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା ବୋଲି ଶ୍ରୀ ଶାହା କହିଛନ୍ତି ।

ଏହି ଆଲୋଚନାରେ ଶ୍ରୀ ଶାହା କହିଛନ୍ତି, ଏହି ଆକ୍ରମଣରେ କୌଣସି ପାକିସ୍ତାନୀ ନାଗରିକଙ୍କର ମୃତ୍ୟୁ ହୋଇନାହିଁ କାରଣ ଆମ ସଶସ୍ତ୍ର ବାହିନୀ ୧୦୦ କିଲୋମିଟର ପରିଧି ଭିତରେ ହିଁ ପାକିସ୍ତାନ ଉପରକୁ ଆକ୍ରମଣ କରିଥିଲା । ନରେନ୍ଦ୍ର ମୋଦୀ ସରକାରଙ୍କ ଆତଙ୍କବାଦ ବିରୁଦ୍ଧରେ ଶୂନ୍ୟ ସହନଶୀଳତାର ନୀତିକୁ ଉଲ୍ଲେଖ କରି ଶ୍ରୀ ଶାହା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ସମାଲୋଚନା କରି କହିଛନ୍ତି, ଆତଙ୍କବାଦୀମାନେ ପାକିସ୍ତାନରୁ ଆସିଥିବା ପ୍ରମାଣ ମାଗି ଶ୍ରୀ ଚିଦାମ୍ବମ୍ ପାକିସ୍ତାନକୁ ନିର୍ଦ୍ଦୋଷ ବୋଲି କହିଛନ୍ତି । ବିରୋଧୀ ଦଳକୁ ଏହି ପ୍ରସଙ୍ଗକୁ ରାଜନୀତିକରଣ କରିବାର ସମାଲୋଚନା କରି ଶ୍ରୀ ଶାହା କହିଛନ୍ତି, ଅପରେସନ୍ ସିନ୍ଦୂର ସମୟରେ ଭାରତର ଦୃଢ଼ ଜବାବରେ ପାକିସ୍ତାନ ତାର ଆକ୍ରମଣାତ୍ମକ

ନୀତିକୁ ବଦଳାଇବାକୁ ବାଧ୍ୟ ହୋଇଥିଲା । ପାକିସ୍ତାନ ପାଖରେ ଆତ୍ମସମର୍ପଣ ଛଡ଼ା ଅନ୍ୟ କୌଣସି ବିକଳ୍ପ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଗୃହରେ ସ୍ପଷ୍ଟ କରିଛନ୍ତି ।

ଏହି ଆଲୋଚନାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଟି.ଏମ୍.ସି.ର ସାୟାନି ଘୋଷ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଏବେ ଲୋକସଭାରେ ଆଲୋଚନା ଜାରି ରହିଛି ।

## ଆର୍‌ଏସ୍-ଅପରେସନ୍ ସିନ୍ଦୂର

ରାଜ୍ୟସଭାରେ ମଧ୍ୟ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଦୃଢ଼ ସଫଳତମ ଏବଂ ନିର୍ଣ୍ଣାୟକ ଅପରେସନ୍ ସିନ୍ଦୂର ଉପରେ ବିଶେଷ ଆଲୋଚନା ହୋଇଛି ।

ସେମାନେ ଯଦି ନିରିହ ଲୋକଙ୍କ ଜୀବନ ନିହନ୍ତି ତେବେ ସେମାନଙ୍କ ଆଡ୍ଡାଗୁଡ଼ିକୁ ନଷ୍ଟ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ପହଲଗାମ୍‌ରେ ଆତଙ୍କବାଦୀମାନେ କାପୁରୁଷ ଭଳି ପର୍ଯ୍ୟଟକଙ୍କ ଉପରେ ଯେଉଁ ଆକ୍ରମଣ କରିଥିଲେ ଏହାର ପ୍ରତିଶୋଧ ସ୍ୱରୂପ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନକୁ ଏହାର ଉପଯୁକ୍ତ ଜବାବ

ଦେଇ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରିଛି । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯଦି ପାକିସ୍ତାନ ଭବିଷ୍ୟତରେ କୌଣସି ଦୁଃସାହିକ କାର୍ଯ୍ୟ କରିବାକୁ ସାହସ କରେ ତେବେ ଦେଶ ଅପରେସନ୍ ସିନ୍ଦୂର ଅଭିଯାନକୁ ପୁଣି ଆରମ୍ଭ କରିବାକୁ ପଛଘୁଞ୍ଚା ଦେବ ନାହିଁ । ଭାରତ କେବେ ମଧ୍ୟ ପାକିସ୍ତାନର ପରମାଣୁ ଧମକ କିମ୍ବା ଅନ୍ୟାନ୍ୟ ଯୁଦ୍ଧ ରଣନୀତି ଆଗରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ସେ କହିଛନ୍ତି । ସରକାର ଯେକୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ସଶସ୍ତ୍ର ବାହିନୀକୁ ପୂର୍ଣ୍ଣ କ୍ଷମତା ଦେବ ବୋଲି ସେ କହିଛନ୍ତି ।

ପ୍ରତିରକ୍ଷା ରପ୍ତାନୀ ବିଷୟରେ ରାଜ୍ୟସଭାରେ ଶ୍ରୀ ସିଂହ କହିଛନ୍ତି, ଦେଶରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ପ୍ରତିରକ୍ଷା ଯୁଦ୍ଧାସ୍ତ୍ର ଚଳିତ ବର୍ଷ ପ୍ରାୟ ୧୦୦ଟି ଦେଶକୁ ରପ୍ତାନୀ କରାଯାଇଛି । ଫଳରେ ପ୍ରତିରକ୍ଷା ରପ୍ତାନୀ ୩୦ ହଜାର କୋଟି ଟଙ୍କାରେ ପହଞ୍ଚିଛି, ଯାହା ୨୦୨୯ ସୁଦ୍ଧା ୫୦ ହଜାର କୋଟି ଟଙ୍କାରେ ପହଞ୍ଚିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି ।

ଆଲୋଚନାରେ ଅଂଶଗ୍ରହଣ କରି ରାଜ୍ୟସଭା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ଅପରେସନ୍ ସିନ୍ଦୂର ସମୟରେ ଅସ୍ତ୍ରବିରତି ଘୋଷଣା ପାଇଁ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଏହାର ଜବାବ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଯୁଦ୍ଧବିରତି ଘୋଷଣା କୌଣସି ଚାପଗ୍ରସ୍ତ ହୋଇ ସରକାର

କରିନଥିଲେ । ଏ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ମଧ୍ୟ କୌଣସି ଆଲୋଚନା କରିନଥିଲେ ବୋଲି ଶ୍ରୀ ସିଂହ କହିଛନ୍ତି ।

ଏହି ଆଲୋଚନାରେ ଡି.ଏମ୍.କେ. ସାଂସଦ ତିରୁଚି ଶିବା ଏବଂ ଟି.ଏମ୍.ସି.ର ସାଗରିକା ଘୋଷ ଭାଗ ନେଇଥିଲେ । ଏବେ ଆଲୋଚନା ଜାରି ରହିଛି ।

# ଆର୍‌ଏସ୍-ପଟେଲ୍-ଜନଔଷଧୀ

ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟ ପଟେଲ କହିଛନ୍ତି, ଦେଶରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା  ଯୋଜନା ଅଧୀନରେ ଚଳିତ ବର୍ଷ ଜୁନ୍ ୩୦ ତାରିଖ ସୁଦ୍ଧା ମୋଟ୍ ୧୬ ହଜାର ୯୧୨ ଜନଔଷଧୀ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ରାଜ୍ୟସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀମତୀ ପଟେଲ କହିଛନ୍ତି, ସରକାର ଆସନ୍ତା ମାର୍ଚ୍ଚ ୨୦୨୭ ସୁଦ୍ଧା ୨୫ ହଜାର ଜନଔଷଧୀ କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖିଛନ୍ତି । ସରକାର ସମସ୍ତଙ୍କୁ ଶୁଲଭ ମୂଲ୍ୟରେ ଗୁଣାତ୍ମକ ଜେନେରିକ୍ ଔଷଧ ଉପଲବ୍ଧ କରାଇବା ପାଇଁ ଏହି ଯୋଜନା ଆରମ୍ଭ କରିଛନ୍ତି ବୋଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି । ଏହି ଯୋଜନାର ଫଳସ୍ୱରୂପ ଗତ ୧୧ ବର୍ଷ ମଧ୍ୟରେ ବଜାରରେ ମିଳୁଥିବା ଅଧିକ ମୂଲ୍ୟର ଔଷଧ ତୁଳନାରେ

ସାଧାରଣ ଲୋକମାନେ ପ୍ରାୟ ୩୮ ହଜାର କୋଟି ଟଙ୍କା ସଂଚୟ କରିପାରିଛନ୍ତି । ଶ୍ରୀମତୀ ପଟେଲ କହିଛନ୍ତି, ୨ହଜାରରୁ ଅଧିକ ଔଷଧ ଏବଂ ୩୧୫ ସଲ୍ୟ ଚିକିତ୍ସାରେ ଉପଯୋଗ ହେଉଥିବା ସାମଗ୍ରୀ ତଥା ଉପକରଣ ମଧ୍ୟ ଏହି ଯୋଜନା ଅଧୀନରେ ଉପଲବ୍ଧ ହେଉଛି । ହୃଦ୍‌ରୋଗ, କର୍କଟ, ମଧୁମେହ, ପାକସ୍ଥଳୀ ତଥା ଅନ୍ୟାନ୍ୟ ରୋଗ ସମ୍ପର୍କିତ ଔଷଧମାନ ଦେଶର ପ୍ରମୁଖ ଚିକିତ୍ସାଳୟ ଗୁଡ଼ିକରେ ଉପଲବ୍ଧ କରାଯାଇଛି ବୋଲି ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ।

# ପଞ୍ଜାବ-ବିଏସ୍‌ଏଫ୍

ପଞ୍ଜାବର ଅମୃତସର, ତରନ୍ ତରାନ୍ ଏବଂ ଜଳନ୍ଧରଠାରେ ପଞ୍ଜାବ ପୁଲିସ୍ ଏବଂ ବି.ଏସ୍.ଏଫ୍.ର ମିଳିତ ଅଭିଯାନରେ ତିନି ଜଣ ନିଶାକାରବାରରେ ସମ୍ପୃକ୍ତ ଅପରାଧି ଏବଂ ଅନ୍ୟ ଦୁଇଜଣ ଅପରାଧିଙ୍କୁ ଗିରଫ୍ କରାଯାଇଛି । ସେମାନଙ୍କଠାରୁ ୧୦ଟି ପିସ୍ତଲ ଏବଂ ନିଶାଦ୍ରବ୍ୟ ଜବତ କରାଯାଇଥିବା ବେଳେ ଅମୃତସର ସେକ୍ଟରରେ ବି.ଏସ୍.ଏଫ୍. ଦ୍ୱାରା ୬ଟି ଡ୍ରୋନ୍‌କୁ ମଧ୍ୟ ନିଷ୍କ୍ରିୟ କରାଯାଇଛି । ସୂଚନା ଅନୁଯାୟୀ ତରନ୍ ତରାନ୍ ଏବଂ ଅମୃତସର ସୀମାରେ ସୀମାପାର ନିଶାଦ୍ରବ୍ୟ ଚୋରା ଚାଲାଣ କରୁଥିବା ବେଳେ ବି.ଏସ୍.ଏଫ୍. ସେମାନଙ୍କୁ ଗିରଫ୍ କରିଛି ।

ସେମାନଙ୍କଠାରୁ ମଧ୍ୟ ଗୋଟିଏ ପିସ୍ତଲ ଏବଂ ଜୀବନ୍ତ ଗୁଳି ଜବତ କରାଯାଇଛି ।